# NATIONAL NEWS BULLETIN (ODIA)
## 20 February - 2025
## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- ଶୋଲ୍ ଲିଡରସିପ୍ କନ୍‌କ୍ଲେଭ୍‌କୁ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଗତ ଦଶନ୍ଧିରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକର ୧୦ ହଜାରରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ନେଲେ ରେଖା ଗୁପ୍ତା ।
- ତିନି ଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀରେ ପହଞ୍ଚିଲେ ଭୁଟାନ ପ୍ରଧାନମନ୍ତ୍ରୀ ।

ଏବଂ

- ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଆଜିକାର ମ୍ୟାଚ୍‌ରେ ଭାରତ ସମ୍ମୁଖରେ ୨୨୯ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି ବାଂଲାଦେଶ ।

# ପିଏମ୍ କନ୍‌କ୍ଲେଭ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ଶୋଲ୍ ଲିଡରସିପ୍ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଭାରତ ମଣ୍ଡପମ୍ ଠାରେ ଏହି ସମ୍ମିଳନୀର ପ୍ରଥମ ସଂସ୍କରଣ ଆସନ୍ତାକାଲି ଆରମ୍ଭ ହେବ । ଏଥିରେ ସମ୍ମାନିତ ଅତିଥି ଭାବେ ଭୁଟାନ ପ୍ରଧାନମନ୍ତ୍ରୀ ଦାଶୋ ସେରିଂ ତୋବ୍‌ଗେ ଯୋଗଦେଇ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ରାଜନୀତି, କ୍ରୀଡ଼ା, କଳା ଓ ଗଣମାଧ୍ୟମ, ସାର୍ବଜନୀନ ନୀତି, ବ୍ୟାବସାୟ ଏବଂ ସାମାଜିକ କ୍ଷେତ୍ର ଭଳି ବିଭିନ୍ନ କ୍ଷେତ୍ରରେ ଏହି ସମ୍ମିଳନୀରେ ମତବିନିମୟ ହେବ ।

# ଏଚ୍‌ଏମ୍-ନର୍ଥଇଷ୍ଟ

୨୦୧୪ ମସିହା ପରଠାରୁ ଦେଶର ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ପ୍ରାୟ ୧୦ ହଜାର ୫୦୦ ଯୁବକଯୁବତୀ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଆସାମ ରାଇଫଲ୍ସ ଏବଂ ଉତ୍ତର ପୂର୍ବାଞ୍ଚଳ ସାମାଜିକ କଲ୍ୟାଣ ସଂଗଠନ ପକ୍ଷରୁ ମିଳିତ ଭାବେ ଆୟୋଜିତ ୟୁନିଟି ଉତ୍ସବ 'ଏକ ସ୍ୱର ଏକ ଦେଶ'ରେ ଉଦ୍‌ବୋଧନ ଦେଇ

ସ୍ୱରାଷ୍ଟ୍ର ମନ୍ତ୍ରୀ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ଦେଶର ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଅଷ୍ଟଲକ୍ଷ୍ମୀର ମାନ୍ୟତା ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଏକ ନୂତନ ପରିଚୟ ସୃଷ୍ଟି କରିପାରିଛନ୍ତି । ଅର୍ଥନୀତି ଏବଂ ସାଂସ୍କୃତିକ ବିକାଶଠାରୁ ଆରମ୍ଭ କରି କ୍ରୀଡ଼ା, ଶିକ୍ଷା, କୃଷି ଓ ଔଦ୍ୟୋଗିକ କ୍ଷେତ୍ର ସମେତ ଉତ୍ତରପୂର୍ବାଞ୍ଚଳର ପ୍ରତ୍ୟେକ କ୍ଷେତ୍ରରେ ଯୁବବର୍ଗଙ୍କ ଲାଗି ଅଭୁତପୂର୍ବ ସୁଯୋଗ ସୃଷ୍ଟି କରାଯାଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

**V/O**

# ଦିଲ୍ଲୀ ସିଏମ୍ ଓଥ୍

ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ରେଖା ଗୁପ୍ତା ଆଜି ଶପଥଗ୍ରହଣ କରିଛନ୍ତି । ରାମଲୀଳା ମଇଦାନଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ଦିଲ୍ଲୀର ଉପରାଜ୍ୟପାଳ ଭି.କେ. ସକ୍‌ସେନା ଶ୍ରୀମତୀ ଗୁପ୍ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି ।

ଶପଥ ନେବା ପରେ ଶ୍ରୀମତୀ ଗୁପ୍ତା ଦିଲ୍ଲୀ ସଚିବାଳୟ ଯାଇ ନିଜର ଦାୟିତ୍ୱ ଗ୍ରହଣ କରିଛନ୍ତି । ସେଠାରେ ଦିଲ୍ଲୀ ମୁଖ୍ୟ ଶାସନ ସଚିବ ଧର୍ମେନ୍ଦ୍ର କୁମାରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ତାଙ୍କୁ ସ୍ୱାଗତ ଜଣାଇଥିଲେ ।

ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟା ଦେଇ ଶ୍ରୀମତୀ ଗୁପ୍ତା କହିଛନ୍ତି, ଏକ ବିକଶିତ ଦିଲ୍ଲୀ ମିଶନ୍ ଲକ୍ଷ୍ୟ ହାସଲ କରିବା ଦିଗରେ ତାଙ୍କ ସରକାର ନିରନ୍ତର ପ୍ରୟାସ ଜାରି ରଖିବେ । ପରେ ଦିଲ୍ଲୀର ବହୁ ସାଂସଦ ଓ ବିଧାୟକ ଶ୍ରୀମତୀ ଗୁପ୍ତାଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି ।

ଆଜିର ଶପଥଗ୍ରହଣ ଉତ୍ସବରେ ୬ଜଣ କ୍ୟାବିନେଟ୍ ମନ୍ତ୍ରୀ ଶପଥ ନେଇଛନ୍ତି । ସେମାନେ ହେଲେ – ପରବେଶ ସାହିବ ସିଂହ, ଆଶିଷ ସୁଦ୍, ମନ୍‌ଜିନ୍ଦର ସିଂହ ଶୀର୍‌ସା, ରବୀନ୍ଦର ଇନ୍ଦ୍‌ରାଜ୍ ସିଂହ, କପିଲ ମିଶ୍ରା ଏବଂ ପଙ୍କଜ କୁମାର ସିଂହ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ ଅନ୍ୟ କେନ୍ଦ୍ର ମନ୍ତ୍ରୀମାନେ ଏହି ଶପଥଗ୍ରହଣ ସମାରୋହରେ ଉପସ୍ଥିତ ଥିଲେ । ଏତଦ୍‌ବ୍ୟତୀତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ । ରେଖା ଗୁପ୍ତା' ଦିଲ୍ଲୀର ଚତୁର୍ଥ ତଥା ବିଜେପି ପକ୍ଷରୁ ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ସୁଷମା ସ୍ୱରାଜ, ଶୀଲା ଦିକ୍ଷୀତ୍ ଏବଂ ଆତିସୀଙ୍କ ପରେ ଶ୍ରୀମତୀ ଗୁପ୍ତା ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇଛନ୍ତି ।

# ପିଏମ୍‌-ଦିଲ୍ଲୀ ସିଏମ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀର ନୂତନ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଶ୍ରୀମତୀ ଗୁପ୍ତା ରାଜନୀତିର ତୃଣମୂଳ ସ୍ତରରୁ ଆସି ମହାବିଦ୍ୟାଳୟ, ରାଜ୍ୟସ୍ତରୀୟ ସଂଗଠନ ଏବଂ ପୌରସଂସ୍ଥା ସ୍ତରରେ କାଉନ୍‌ସିଲର ଭାବେ ସଫଳତାର ସହ ନିଜର ଦାୟିତ୍ୱ ତୁଲାଇଛନ୍ତି । ଶେଷରେ ବିଧାୟକ ଭାବେ ନିର୍ବାଚିତ ହୋଇ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦିଲ୍ଲୀର ବିକାଶ ଦିଗରେ ଶ୍ରୀମତୀ ଗୁପ୍ତା ନିଷ୍ଠାର ସହ ପ୍ରଚେଷ୍ଟା ଜାରି ରଖିବେ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ଏହାଛଡ଼ା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ଶପଥ ନେଇଥିବା ଦିଲ୍ଲୀର ୬ ଜଣ ନୂତନ କ୍ୟାବିନେଟ୍‌ ମନ୍ତ୍ରୀଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି ।

# ପିଏମ୍‌-ମିଜୋରାମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଜୋରାମ ରାଜ୍ୟ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଏହି ଚଳଚଞ୍ଚଳ ରାଜ୍ୟଟି ନିଜର ଭୌଗଳିକ ସ୍ଥିତି, ପ୍ରାଚୀନ ପରମ୍ପରା ଏବଂ

ରାଜ୍ୟବାସୀଙ୍କର ସୌହାର୍ଦ୍ଦପୂର୍ଣ୍ଣ ସମ୍ପର୍କ ଲାଗି ବେଶ୍ ପରିଚିତ । ମିଜୋରାମର ସଂସ୍କୃତିରେ ଅତି ସୁନ୍ଦର ଭାବେ ଐତିହ୍ୟ ଏବଂ ସଦ୍‌ଭାବ ମିଳିତ ଭାବେ ପ୍ରତିଫଳିତ ହୋଇଥାଏ ବୋଲି ଶ୍ରୀ ମୋଦୀ କହିଛନ୍ତି । ଆଗାମୀ ଦିନରେ ମିଜୋରାମ ଶାନ୍ତି, ସମୃଦ୍ଧି ଓ ବିକାଶ ପଥରେ ଅଗ୍ରସର ହେବା ସହିତ ସଫଳତାର ଉଚ୍ଚ ଶିଖରରେ ପହଞ୍ଚି ପାରିବ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି ।

## ଭୁଟାନ୍ ପିଏମ୍ ଭିଜିଟ୍

ଭୁଟାନର ପ୍ରଧାନମନ୍ତ୍ରୀ ଦାଶୋ ସେରିଂ ତୋବଗେ ଏକ ତିନି ଦିନିଆ ଭାରତ ଗସ୍ତରେ ଆସି ଆଜି ଅପରାହ୍ଣରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ତୋବଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପକ୍ଷୀୟ ଆଲୋଚନା କରିବେ । ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ଆରମ୍ଭ ହେବାକୁ ଥିବା ଶୋଲ୍ ଲିଡରସିପ୍ କନ୍‌କ୍ଲେଭ୍‌ରେ ଶ୍ରୀ ତୋବଗେ ନିଜର ଅଭିଭାଷଣ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି । ତାଙ୍କର ଏହି ଗସ୍ତ ଫଳରେ ଭାରତ ଓ ଭୁଟାନ ମଧ୍ୟରେ ଥିବା ବନ୍ଧୁତ୍ୱ ଅଧିକ ସଶକ୍ତ ହେବା ସହ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇବ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି ।

# ଜୟଶଙ୍କର-ସାଉଥ୍ ଆଫ୍ରିକା

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଜି-୨୦ ବୈଦେଶିକ ମନ୍ତ୍ରୀ ବୈଠକରେ ଯୋଗଦେବା ଲାଗି ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ପହଞ୍ଚିଛନ୍ତି । ଡକ୍ଟର ଜୟଶଙ୍କରଙ୍କର ଏହି ବୈଠକରେ ଯୋଗଦାନ ଦ୍ୱାରା ଜି-୨୦ ରାଷ୍ଟ୍ରଗୁଡ଼ିକ ସହ ଭାରତର ସଂପର୍କ ଅଧିକ ସୁଦୃଢ଼ ହେବ । ଏଥିସହିତ ଏହି ଗୁରୁତ୍ୱପୂର୍ଣ୍ଣ ମଞ୍ଚରେ ଗ୍ଲୋବାଲ୍ ସାଉଥ୍‌ର ସ୍ୱରକୁ ଦୃଢ଼ୀଭୂତ କରିବାରେ ଡକ୍ଟର ଜୟଶଙ୍କରଙ୍କ ଯୋଗଦାନ ବିଶେଷ ସହାୟକ ହେବ ।

ଏହି ବୈଠକ ଅବସରରେ ଡକ୍ଟର ଜୟଶଙ୍କର ଆଜି ତାଙ୍କର ବ୍ରାଜିଲ୍ ପ୍ରତିପକ୍ଷ ମାଉରୋ ଭିରାଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ବିଭିନ୍ନ ଦ୍ୱିପକ୍ଷିୟ ସମ୍ପର୍କ ସମେତ ବିଶ୍ୱସ୍ତରୀୟ ସମସ୍ୟା ଉପରେ ସେମାନେ ଆଲୋଚନା କରିଛନ୍ତି । ଏହାଛଡ଼ା ଡକ୍ଟର ଜୟଶଙ୍କର ତାଙ୍କର ସିଙ୍ଗାପୁର ପ୍ରତିପକ୍ଷ ଭିଭିଆନ୍ ବାଲକ୍ରିଷ୍ଣନ୍‌ଙ୍କ ସହିତ ମଧ୍ୟ ଦ୍ୱିପକ୍ଷିୟ ଆଲୋଚନା କରି ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ବିଭିନ୍ନ କ୍ଷେତ୍ରରେ ଅଧିକ ସଶକ୍ତ କରିବା ଦିଗରେ ମତବିନିମୟ କରିଛନ୍ତି । ଦକ୍ଷିଣ ଆଫ୍ରିକାର ଆନ୍ତର୍ଜାତିକ ବ୍ୟାପାର ଓ ସମବାୟ ମନ୍ତ୍ରୀ ରୋନାଲ୍‌ଡ ଲାମୋଲାଙ୍କ  ନିମନ୍ତ୍ରଣକ୍ରମେ ଶ୍ରୀ ଜୟଶଙ୍କର ଏହି ଗସ୍ତ କରିଛନ୍ତି ।

## ଇଣ୍ଡିଆ-ବାଂଲାଦେଶ

ଭାରତ ଓ ବାଂଲାଦେଶର ସୀମା ସୁରକ୍ଷା ବାହିନୀ ମହାନିର୍ଦ୍ଦେଶକ ସ୍ତରୀୟ ୫୫ତମ ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସୀମା ଅନୁପ୍ରବେଶକାରୀ, ସୀମାପାର ଅପରାଧ ଓ ଚୋରା କାରବାର ରୋକିବା ସହିତ ସୀମା ନିକଟରେ ବାଡ଼ ତିଆରି କରିବା ଭଳି ସମସ୍ୟା ଗୁଡ଼ିକ ଉପରେ ଦୁଇ ଦେଶ ମଧ୍ୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି । ଏହି ବୈଠକରେ ଭାରତର ସୀମାସୁରକ୍ଷା ବାହିନୀ ମହାନିର୍ଦ୍ଦେଶକ ଦଲଜିତ ସିଂହ ଚୌଧୁରୀ  ଏବଂ ବାଂଲାଦେଶର ମେଜର ଜେନେରାଲ୍ ମହମ୍ମଦ ଆଶ୍ରାଫୁ-ଜାମନ୍ ସିଦ୍ଧିକି ନିଜ ନିଜ ଦେଶର ନେତୃତ୍ୱ ନେଇଥିଲେ ।

## ପିଏମ୍ ଏନ୍‌ଡିଏ ସିଏମ୍ ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀ ଠାରେ ଏନ୍.ଡି.ଏ. ଶାସିତ ରାଜ୍ୟ ଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନଙ୍କ ଏକ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଏହି ବୈଠକରେ କେନ୍ଦ୍ର ମନ୍ତ୍ରୀ ଅମିତ ଶାହା, ରାଜନାଥ ସିଂହ ଓ ଜେ.ପି. ନଡ୍ଡା ଅଂଶଗ୍ରହଣ କରିଛନ୍ତି । ସେହିଭଳି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ଣାବିସ୍, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ

ଅଜିତ ପାୱାର, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ, ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଉତ୍ତର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ବିହାର ଉପମୁଖ୍ୟମନ୍ତ୍ରୀ ବିଜୟ ସିହ୍ନା ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ ।

## ଇସ୍ରାଏଲ୍-ଗାଜା

ଇସ୍ରାଏଲ୍‌ର ୪ ଜଣ ପଣବନ୍ଦୀଙ୍କ ମୃତ ଦେହ ଗତକାଲି ହମାସ ହସ୍ତାନ୍ତର କରିଛି । ଇସ୍ରାଏଲ୍ ପକ୍ଷରୁ ସରକାରୀ ଭାବେ ଜାରି କରାଯାଇଥିବା ସୂଚନା ଅନୁଯାୟୀ ଏହି ମୃତକମାନଙ୍କୁ ଚିହ୍ନଟ କରାଯିବ । ଇସ୍ରାଏଲ୍ ଓ ହମାସ ମଧ୍ୟରେ ଗତମାସ ୧୯ ତାରିଖରୁ ଆରମ୍ଭ ହୋଇଥିବା ଅସ୍ତ୍ରବିରତି ପରେ ବର୍ତ୍ତମାନ ସୁଦ୍ଧା ୨୮ ଜଣ ପଣବନ୍ଦୀଙ୍କୁ ମୁକ୍ତ କରାଯାଇଛି । ପ୍ରଥମ ପର୍ଯ୍ୟାୟ ଅସ୍ତ୍ରବିରତି ସମୟରେ ଗାଜାର ମୋଟ୍ ୩୩ ଜଣ ପଣବନ୍ଦୀଙ୍କୁ ମୁକ୍ତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ୮ ଜଣଙ୍କର ମୃତ୍ୟୁ ହୋଇସାରିଥିଲା ବୋଲି ଏହି ବିବୃତ୍ତିରେ କୁହାଯାଇଛି ।

# କ୍ରିକେଟ୍

ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ଆଜିଠାରୁ ତାର ଅଭିଯାନ ଆରମ୍ଭ କରିଛି । ଆଜି ଦୁବାଇ ଠାରେ ଚାଲିଥିବା ଏକ ମ୍ୟାଚ୍‌ରେ ବାଂଲାଦେଶ ଭାରତ ସମ୍ମୁଖରେ ୨୨୯ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି । ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୫୦ଓଭରରୁ ୪୯ ଓଭର ଓ ୪ଟି ବଲ୍‌ରେ ୨୨୮ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି । ଦଳ ପକ୍ଷରୁ ତୋହିଦ୍ ହ୍ରିଦଏ ୧୧୮ଟି ବଲ୍‌ରୁ ସର୍ବାଧିକ ୧୦୦ରନ୍ କରିଥିଲେ । ସେହିଭଳି ଜାକର ଅଲି ୬୮ରନ୍ ସଂଗ୍ରହ କରିଥିଲେ । ଭାରତ ପକ୍ଷରୁ ମହମ୍ମଦ ଶାମି ସର୍ବାଧିକ ୫ଟି ଓ୍ୱିକେଟ୍ ଅକ୍ତିଆର କରିଛନ୍ତି । ଏହାଛଡ଼ା ହର୍ଷିତ ରାଣା ୩ଟି ଏବଂ ଅକ୍ଷର ପଟେଲ୍ ୨ଟି ଓ୍ୱିକେଟ୍ ନେଇଛନ୍ତି ।

ସମ୍ବାଦଟି ପ୍ରସ୍ତୁତ ହେବା ସମୟରେ ଭାରତୀୟ ଦଳ ୯ ଓଭରରେ କୌଣସି ଓ୍ୱିକେଟ୍ ନ ହରାଇ ୬୫ରନ୍ ସଂଗ୍ରହ କରିଛି ।

ଏହି ପ୍ରତିଯୋଗିତାରେ ଭାରତ ଏହାର ପରବର୍ତ୍ତି ମ୍ୟାଚ୍ ଆସନ୍ତା ୨୩ ତାରିଖ ରବିବାର ଦିନ ଦୁବାଇ ଠାରେ ପାକିସ୍ତାନ ବିପକ୍ଷରେ ଖେଳିବ ।